بسم الله الرحمٰن الرحيم

ଖୁତବା ଜୁମା ୨୩ ନଭେମ୍ବର ୨୦୧୮ର ସାରାଂଶ

ସ୍ଥାନ- ମସଜିଦ୍ ବୟତୁଲ୍ ଫୁତୁହ୍,ମର୍ଡନ୍ ଲଣ୍ଡନ

## *ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସଂପନ୍ନ ବଦର ସାହାବା ର.ଅଙ୍କ ବିଶ୍ୱାସ ବର୍ଦ୍ଧକ, ହୃଦୟଦ୍ରାବୀ ଏବଂ ମନମୁଗ୍ଧକର ଚର୍ଚ୍ଚା ।*

ତଶହୁଦ୍ ଏବଂ ତଉଜ୍ ଏବଂ ସୁରେ ଫାତିହାର ଆବୃତ୍ତି ପରେ ହୁଜୁର ଅନୱର୍ ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜିଜ୍ କହିଲେ : ଆଜିଠାରୁ ପୁନର୍ବାର ମୁଁ ବଦରି ସାହାବା ର.ଅମାନଙ୍କର ଚର୍ଚ୍ଚା ଆରମ୍ଭ କରିବି । ପ୍ରଥମେ ଯେଉଁ ସାହାବିଙ୍କର ଚର୍ଚ୍ଚା ହେବ ତାଙ୍କ ନାମ ହେଲା ହଜ଼ରତ୍ ସନାନ୍ ବିନ୍ ଅବି ସନାନ୍ । ବଦର୍ ଯୁଦ୍ଧ ସମେତ ଆଁହଜ଼ରତ୍ ସ.ଅ ଯେତେ ଯୁଦ୍ଧର ସମ୍ମୁଖୀନ ହୋଇଥିଲେ ସେହି ସମସ୍ତ ଯୁଦ୍ଧରେ ସେ ଆଁହଜ଼ରତ୍ ସ.ଅଙ୍କର ସହଯାତ୍ରୀ ଭାବେ ଥିଲେ । ବୈଅତେ ରିଜ଼ୱାନରେ ସର୍ବପ୍ରଥମେ କିଏ ବୈଅତ୍ କରିଥିଲା ଏ ସଂପର୍କରେ ଅନେକ ମତାନ୍ତର ଦେଖିବାକୁ ମିଳେ । କିନ୍ତୁ ୱାକ୍‌ଦିଙ୍କ ନିକଟରେ ସନାନ୍ ବିନ୍ ଅବି ସନାନ୍ ହିଁ ସର୍ବପ୍ରଥମେ ବୈଅତେ ରିଜ଼ୱାନରେ ବୈଅତ୍ କରିଥିଲେ । ବୈଅତେ ରିଜ଼ୱାନରେ ଯେତେବେଳେ ହୁଜୁର୍ ସ.ଅ ଲୋକମାନଙ୍କ ଠାରୁ ବୈଅତ (ଦୀକ୍ଷା ଗ୍ରହଣ) ନେବା ଆରମ୍ଭ କରିଦେଲେ ସେତେବେଳେ ହଜ଼ରତ୍ ସିନାନ୍ ର.ଅ ମଧ୍ୟ ନିଜର ହସ୍ତକୁ ଆଗକୁ କରି କହିଲେ ହେ ରସୁଲୁଲ୍ଲାଃ ସ.ଅ ମୋର ବୈଅତ୍ ସ୍ୱୀକାର କରନ୍ତୁ । ପ୍ରତ୍ୟୁତ୍ତରରେ ରସୁଲୁଲ୍ଲାଃ ସ.ଅ କହିଲେ : ତୁମେ କେଉଁ ଉଦ୍ଦେଶ୍ୟ ବା ଲକ୍ଷ୍ୟ ରଖି ବୈଅତ୍ କରୁଛ । ହଜ଼ରତ୍ ସିନାନ୍ ର.ଅ କହିଲେ ଯେ, ବିଜୟୀ ହେବା ଏବଂ ବୀରଗତି ପ୍ରାପ୍ତ କରିବାର ଉଦ୍ଦେଶ୍ୟ (ଲକ୍ଷ୍ୟ) ରଖି ମୁଁ ବୈଅତ୍ କରୁଅଛି । ଏହା ଦେଖି ଅନ୍ୟ ଲୋକମାନେ କହିବାକୁ ଲାଗିଲେ ଯେ, ଆମେ ମଧ୍ୟ ଏହି କଥାକୁ କେନ୍ଦ୍ର କରି (ଅର୍ଥାତ୍ ଉଦ୍ଦେଶ୍ୟ ରଖି) ବୈଅତ୍ କରୁଛୁ ଯେଉଁ ଉଦ୍ଦେଶ୍ୟକୁ ହଜ଼ରତ୍ ସିନାନ ର.ଅ ରଖି ବୈଅତ୍ କରିଥିଲେ । ହଜ଼ରତ୍ ସିନାନ୍ ର.ଅ ମହାନ୍ ପ୍ରବାସକାରୀ ସାହାବାମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ଯେତେବେଳେ ତଲିହା ବିନ୍ ଖୁୱୈଲଦ୍ ନବୁୱତର ଦାବି କଲା ସେତେବେଳେ ହଜ଼ରତ୍ ସିନାନ୍ ର.ଅ ହିଁ ସର୍ବପ୍ରଥମେ ଆଁହଜ଼ରତ୍ ସ.ଅଙ୍କୁ ପତ୍ର ଲେଖି ଅବଗତ କରାଇଥିଲେ ଏବଂ ସେ ସେତେବେଳେ ବନୁ ମାଲିକର କର୍ମକର୍ତ୍ତା ବା କର୍ମଚାରୀ ଥିଲେ ।

ଅନ୍ୟଜଣେ ସାହାବି ହେଉଛନ୍ତି ହଜ଼ରତ୍ ମୁହଜା ର.ଅ ଯିଏକି ହଜ଼ରତ୍ ଉମର୍ ର.ଅଙ୍କର କ୍ରୀତଦାସ ଥିଲେ । ସେ ବଦର୍ ଯୁଦ୍ଧରେ ସର୍ବପ୍ରଥମେ ବୀରଗତି ପ୍ରାପ୍ତ କରିଥିଲେ । ସେ ସର୍ବପ୍ରଥମ ପ୍ରବାସକାରୀଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ । ହଜ଼ରତ୍ ସଇଦ୍ ବିନ୍ ମୁସୈବଙ୍କ ବର୍ଣ୍ଣନା ଅନୁଯାୟୀ ଯେତେବେଳେ ହଜ଼ରତ୍ ମୁହଜା ର.ଅ ବୀରଗତି ପ୍ରାପ୍ତ କେଲେ ସେତେବେଳେ ତାଙ୍କ ତୁଣ୍ଡରେ ଏହି ଶବ୍ଦ ଥିଲା ଯେ,انا مهجع و الی ربی ارجع (ଅନା ମୁହଜତୁନ୍ ୱ ଇଲା ରବ୍ବି ଅରଜିଉ) ଯେ, ମୁଁ ମୁହଜା ଅଟଇ ଏବଂ ମୁଁ ମୋର ପାଳନକର୍ତ୍ତା ନିକଟକୁ ପ୍ରତ୍ୟାବର୍ତ୍ତନ କରିବି ।

ପୁନଶ୍ଚ ଆଉ ଜଣେ ସାହାବି ହଜ଼ରତ୍ ଆମିର୍ ବିନ୍ ମୁଖଲ୍ଲଦ୍ ର.ଅ ଅଟନ୍ତି । ସେ ବଦର୍ ଯୁଦ୍ଧ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ ଏବଂ ଓହୋଦ୍ ଦିନ ହିଁ ସେ ବୀରଗତି ପ୍ରାପ୍ତ କରିଥିଲେ ।

ପୁନଶ୍ଚ ଆଉ ଜଣେ ସାହାବି ହଜ଼ରତ୍ ହାତିବ୍ ବିନ୍ ଅମ୍ର ବିନ୍ ଅବ୍ଦେ ଶମଶ୍ ଅଟନ୍ତି । ଯେତେବେଳେ ଆଁହଜ଼ରତ୍ ସ.ଅଙ୍କର ଦାରେ ଅରକ଼ମ୍ ଠାକୁ ଆଗମନ ହେଲା ସେତେବେଳେ ହାତିବ୍ ବିନ୍ ଅମ୍ର ହଜ଼ରତ୍ ଅବି ବକ୍ର ର.ଅ ପ୍ରଚେଷ୍ଟା ବଳରେ ଇସାଲାମ୍ ଧର୍ମ ଗ୍ରହଣ କରିଥିଲେ । ସେ ହବଶା ଭୂମିକୁ ଦୁଇଥର ପ୍ରବାସ କରିଥିଲେ । ଆଉ ଏକ ରିୱାୟତ୍ ଅନୁଯାୟୀ ପ୍ରଥମ ପ୍ରବାସରେ ଯେଉଁ ବ୍ୟକ୍ତି ସର୍ବପ୍ରଥମେ ହବଶା ଦେଶକୁ ପ୍ରବାସ କରିଥିଲେ ସେ ହେଉଛନ୍ତି ହଜ଼ରତ୍ ହାତିବ୍ ବିନ୍ ଅମ୍ର ବିନ୍ ଅବ୍ଦେ ଶମଶ୍ । ସେ ବଦର୍ ଯୁଦ୍ଧରେ ନିଜର ଭାଇ ହଜ଼ରତ୍ ସୁଲୈଦ୍ ବିନ୍ ଅମ୍ର ର.ଅଙ୍କ ସହିତ ଶାମଲି ଥିଲେ ଏବଂ ଓହୋଦ୍ ଯୁଦ୍ଧରେ ମଧ୍ୟ ସେ ଶାମିଲ୍ ଥିଲେ । ହଜ଼ରତ୍ ହାତିବ୍ ବିନ୍ ଅମ୍ର ହଜ଼ରତ୍ ସଅଦା ର.ଅନହାଙ୍କ ବିବାହ ଆଁହଜ଼ରତ୍ ସ.ଅଙ୍କ ସହିତ କରାଇଥିଲେ । ସେ ବୈଅତେ ରିଜ଼ୱାନରେ ମଧ୍ୟ ଶାମଲି ଥିଲେ ।

ପୁନଶ୍ଚ ଆଉ ଜଣେ ସାହାବି ହଜ଼ରତ୍ ଅବୁ ହଜ଼ିମା ର.ଅ ଅଟନ୍ତି । ସେ ବଦର୍ ଯୁଦ୍ଧ, ଓହୋଦ୍ ଯୁଦ୍ଧ ଏବଂ ଖନ୍ଦକ୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଶାମିଲ୍ ଥିଲେ । ହଜ଼ରତ୍ ଉସମାନ୍ ର.ଅଙ୍କ ଖିଲାଫତ୍ ଶାସନକାଳରେ ତାଙ୍କର

ବିୟୋଗ ଘଟିଥିଲା । ପୁନଶ୍ଚ ଆଉ ଜଣେ ସାହାବି ହଜ଼ରତ୍ ତିମମ୍ ମୌଲା ଖରାଶ୍ ର.ଅ ଅଟନ୍ତି । ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ସେହପରି ଆଉ ଜଣେ ସାହାବି ମୁନଜ଼ର୍ ବିନ କୁଦାମା ର.ଅ ଅଟନ୍ତି । ସେ ମଧ୍ୟ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ ।

ପୁନଶ୍ଚ ଆଉ ଦୁଇ ଜଣ ସାହାବି ହାରିସ୍ ବିନ୍ ହାତିବ୍ ଏବଂ ହଜ଼ରତ୍ ଅବୁ ଲବାବାହ୍ ବିନ୍ ଅବ୍ଦୁଲ୍ ମୁନଜ଼ର୍ ର.ଅ ଥିଲେ । ଯେତେବେଳେ ଏହି ଦୁଇ ଜଣ ସାହାବି ଆଁହଜ଼ରତ୍ ସ.ଅଙ୍କ ସହିତ ବଦର୍ ଯୁଦ୍ଧରେ ଶାମିଲ୍ ହେବା ପାଇଁ ଆଁହଜ଼ରତ୍ ସ.ଅଙ୍କ ସହିତ ଯାଉଥିଲେ ସେତେବେଳେ ଆଁହଜ଼ରତ୍ ସ.ଅ **'ରୌହା'** ନାମକ ଏକ ସ୍ଥାନରେ ହଜ଼ରତ୍ ଅବୁ ଲବାବାହ୍ ବିନ୍ ଅବ୍ଦୁଲ୍ ମୁନଜ଼ର୍ ର.ଅଙ୍କୁ ମଦିନାର ଶାସକ ବା ପଦାଧିକାରୀ ରୂପେ ନିଯୁକ୍ତ କରିଥିଲେ ଏବଂ ହଜ଼ରତ୍ ହାରିସ୍ ବିନ୍ ହାତିବ୍ ର.ଙ୍କୁ କବିଲା ବନୁ ଅମ୍ର ବିନ୍ ଔଫର ଅମିର୍ (ଅଧ୍ୟକ୍ଷ) ରୂପେ ନିଯୁକ୍ତ କରି ମଦିନାକୁ ପ୍ରତ୍ୟାବର୍ତ୍ତନ କରିବା ପାଇଁ ଆଦେଶ ଦେଇଥିଲେ । କିନ୍ତୁ ଆଁହଜ଼ରତ୍ ସ.ଅ ଏହି ଦୁଇ ସାହାବିଙ୍କୁ ବଦର ଯୁଦ୍ଧରେ ଶାମିଲ୍ କରି ସେମାନଙ୍କୁ ମାଲେ ଗନିମତରୁ (ଯୁଦ୍ଧରୁ ପ୍ରାପ୍ତ ଧନରତ୍ନ ଏବଂ ଅନ୍ୟାନ୍ୟ ଯୁଦ୍ଧ ସରଞ୍ଜାମ) ମଧ୍ୟ କିଛି ଅଂଶ ପ୍ରଦାନ କଲେ । ହଜ଼ରତ୍ ହାରିସ୍ ବିନ ହାତିବଙ୍କୁ ବଦର୍ ଏବଂ ଓହୋଦ, ଖନ୍ଦକ୍ ଯୁଦ୍ଧ ସମେତ ବୈଅତେ ରିଜ଼ୱାନରେ ମଧ୍ୟ ଆଁହଜ଼ରତ୍ ସ.ଅଙ୍କ ସହିତ ଶାମିଲ୍ ହେବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ଖୈବର୍ ଯୁଦ୍ଧ ଚାଲିଥିବା ସମୟରେ ଜଣେ ଇହୁଦି ଦୁର୍ଗ ଉପରକୁ ଚଢି ତୀର ବିଦ୍ଧ କଲା ଏବଂ ସେହି ତୀର ତାଙ୍କର ମସ୍ତିଷ୍କରେ ବାଜିଥିଲା ଯଦ୍ଵାରାକି ତାଙ୍କର ମୃତ୍ୟୁ ଘଟିଥିଲା ।

ହଜ଼ରତ୍ ସାଆଲବା ବିନ୍ ଜ଼ୈଦ୍ ବୋଲି ଜଣେ ସାହାବି ଥିଲେ । ସେ ଅନସାରର ବନୁ ଖଜ଼ରଜ୍ ସଂପ୍ରଦାୟଭୁକ୍ତ ଥିଲେ । ସେ ବଦର୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ସେ ଦୃଢ ମନୋବଳ ବ୍ୟକ୍ତି, ସତସାହାସୀ ପରି ଅତ୍ୟୁଚ୍ଚ ସୁଗୁଣାବଳିର ଅଧିକାରୀ ହୋଇପାରିଥିଲେ । ସେହିପରି ଆଉଜଣେ ସାହାବି ଉକ୍‌ବା ବିନ୍ ୱହବ୍ ର.ଅ ଅଟନ୍ତି । ସେ ବଦର୍, ଓହୋଦ୍ ଏବଂ ଖନ୍ଦକ୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହିତ ଶାମିଲ୍ ହୋଇଥିଲେ । ଯେତେବେଳେ ଇହୁଦିମାନଙ୍କର ଏକ ପ୍ରତିନିଧି ମଣ୍ଡଳ ମଦିନାକୁ ଆଁହଜ଼ରତ୍ ସ.ଅଙ୍କ ସହିତ ସାକ୍ଷାତ୍ କରିବାକୁ ଆସିଥିଲା । ସେତେବେଳେ ଆଁହଜ଼ରତ୍ ସ.ଅ ସେମାନଙ୍କ ନିକଟରେ ଇସଲାମ ଧର୍ମର ପ୍ରଚାର କଲେ । ଫଳସ୍ୱରୂପ ସେହି ଇହୁଦିମାନେ ଏହି ପ୍ରଚାରିତ ବାର୍ତ୍ତାକୁ ଖୋଲାଖୋଲି ଅସ୍ୱୀକାର କରିଦେଲେ । ଏହି ଇହୁଦିମାନଙ୍କର ଅସ୍ୱୀକାର କଥାକୁ କେନ୍ଦ୍ର କରି ଯେଉଁ ସାହାବାମାନେ ନିନ୍ଦା କରିଥିଲେ ସେମାନଙ୍କ ମଧ୍ୟରେ ହଜରତ୍ ଉକ୍‌ବା ବିନ୍ ୱହବ୍ ର.ଅ ମଧ୍ୟ ଥିଲେ । ପୁନଶ୍ଚ ଆଉ ଜଣେ ସାହାବି ହଜ଼ରତ୍ ହସିମା ଅନସାରୀ ର.ଅ ଅଟନ୍ତି । ସେ ବଦର୍, ଓହୋଦ୍ ଏବଂ ଖନ୍ଦକ୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହିତ ଶାମିଲ ହୋଇଥିଲେ । ସେ ମୁଆୱିୟା ବିନ୍ ସୁଫୟାନଙ୍କ ଶାସନକାଳରେ ମୃତ୍ୟୁବରଣ କରିଥିଲେ ।

ପୁନଶ୍ଚ ଆଉ ଜଣେ ସାହାବି ହଜ଼ରତ୍ ରାଫେ ବିନ୍ ହାରିସ୍ ର.ଅ ଅଟନ୍ତି । ସେ ବଦର୍, ଓହୋଦ୍ ଏବଂ ଖନ୍ଦକ୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହିତ ଶାମିଲ୍ ଥିଲେ ଏବଂ ହଜ଼ରତ୍ ଉସମାନ୍ ର.ଅଙ୍କ ଖିଲାଫତ୍ ଶାସନକାଳରେ ତାଙ୍କର ବିୟୋଗ ହୋଇଥିଲା । ପୁନଶ୍ଚ ଆଉ ଜଣେ ସାହାବି ହଜ଼ରତ୍ ରଖିଲା ବିନ୍ ସାଆଲବା ଅନସାରୀ ର.ଅ ଅଟନ୍ତି । ସେ ବଦରୀ ସାହାବି ଅଟନ୍ତି । ବିଭିନ୍ନ ରୀତି ଅନୁଯାୟୀ ତାଙ୍କ ନାମ ସଂପର୍କେରେ ଉଲ୍ଲେଖ କରାଯାଏ । ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ସେ ସଫ୍-ଫୈନ୍ ଯୁଦ୍ଧରେ ହଜ଼ରତ୍ ଅଲୀ ର.ଅଙ୍କ ସହିତ ଶାମିଲ୍ ଥିଲେ । ସେହିପରି ଆଉ ଜଣେ ସାହାବି ହେଉଛନ୍ତି ହଜ଼ରତ୍ ଜାବିର୍ ବିନ୍ ଅବ୍ଦୁଲ୍ଲାହଃ ବିନ୍ ରୟାବ୍ ର.ଅ । ହଜ଼ରତ୍ ଜାବିର୍ ର.ଅ ସେହି ୬ ଜଣ ବ୍ୟକ୍ତିଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଅଟନ୍ତି ଯେଉଁମାନେକି ମକ୍କାରେ ସର୍ବପ୍ରଥମେ ଇସଲାମ୍ ଧର୍ମ ଗ୍ରହଣ କରିଥିଲେ । ହଜ଼ରତ୍ ଜାବିର୍ ର.ଅ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହଯାତ୍ରୀଭାବେ ଶାମିଲ୍ ଥିଲେ । ସେ ରସୁଲୁଲ୍ଲାଃ ସ.ଅଙ୍କ ଠାରୁ ଅନେକ ହଦିସ୍ ମଧ୍ୟ ବର୍ଣ୍ଣନା କରିଛନ୍ତି । ସେ ହିଁ ଏକମାତ୍ର ବ୍ୟକ୍ତି ଅଟନ୍ତି ଯିଏକି ବୈଅତେ ଉକ୍‌ବା ଉଲାରେ ଅନସାରମାନଙ୍କ ମଧ୍ୟରୁ ସର୍ବପ୍ରଥମେ ଇସଲାମ୍ ଧର୍ମ ଗ୍ରହଣ କରିଥିଲେ । ସେହିପରି ଆଉ ଜଣେ ସାହାବି ହେଉଛନ୍ତି ସାବିତ୍ ବିନ୍ ଅକରମ୍ ବିନ ସାଆଲବା ର.ଅ । ସେ ବଦର୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହିତ ଶାମିଲ୍ ଥିଲେ ।

ମଅତା ଯୁଦ୍ଧରେ ହଜ଼ରତ୍ ଅବଦୁଲ୍ଲାଃ ବିନ ରୱାହାଙ୍କ (ଶହୀଦ୍ ହୋଇଯିବା) ଶାହାଦତ୍ ପରେ ଇସଲାମୀୟ ଧ୍ୱଜା ହଜ଼ରତ୍ ସାବିତ୍ ବିନ୍ ଅକରମ୍ ର.ଅ ନିଜ ହାତରେ ଉଠାଇ କହିଲେ ଯେ, ହେ ମୁସଲମାନମାନଙ୍କ (ସୈନ୍ୟ) ଦଳ ! ତୁମେମାନେ ନିଜ ଭିତରୁ ଜଣକୁ ନିଜର ଅଧିପତି ରୂପେ ବାଛିନିଅ । ଲୋକମାନେ ଉତ୍ତର ଦେଲେ ଯେ, ଆମେମାନେ ଆପଣଙ୍କୁ ନିଜର ଅଧିପତି ରୂପେ ସ୍ୱୀକାର

କରୁଛୁ । ସାବିତ୍ ର.ଅ ଉତ୍ତର ଦେଲେ ଯେ, ମୁଁ ଏପରି କରିପାରିବ ନାହିଁ । ଏହି କଥା ଶୁଣି ସାହାବାମାନେ ହଜ଼ରତ୍ ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କୁ ନିଜର ଅଧିପତି ରୂପେ ସ୍ୱୀକାର କଲେ । ଇତିହାସରେ ଏହା ମଧ୍ୟ ଉଲ୍ଲେଖ ରହିଛି ଯେ, ମଅତା ଯୁଦ୍ଧରେ ଯେତେବେଳେ ମୁସଲମାନମାନେ ଶତ୍ରୁମାନଙ୍କର ସୈନ୍ୟଦଳ ଦେଖିଲେ ସେତେବେଳେ ସେମାନେ ଶତ୍ରୁମାନଙ୍କର ସୈନ୍ୟ ସଂଖ୍ୟା ଏବଂ ଯୁଦ୍ଧ ସରଞ୍ଜାମ ଦେଖି ଏହା ଭାବିବାକୁ ଲାଗିଲେ ଯେ, ଏହି ସୈନ୍ୟଦଳର କେହି ମୁକାବିଲା କରିପାରିବେ ନାହିଁ । ହଜ଼ରତ୍ ଅବୁ ହୁରୈରାହ୍ ର.ଅ ବର୍ଣ୍ଣନା କରନ୍ତି ଯେ, ଶତ୍ରୁମାନଙ୍କର ସୈନ୍ୟ ସଂଖ୍ୟା ଦେଖି ମୁଁ ଆଶ୍ଚର୍ଯ୍ୟଚକିତ ହୋଇଗଲି । ପ୍ରତ୍ୟୁତ୍ତରରେ ହଜ଼ରତ୍ ସାବିତ୍ ବିନ୍ ଅକରମ୍ ର.ଅ ମୋତେ (ଅର୍ଥାତ୍ ଅବୁ ହୁରୈରାହଙ୍କୁ) କହିଲେ ଯେ, ହେ ଅବୁ ହୁରୈରୈହ୍ ! ତୋର ଅବସ୍ଥା ଦେଖି ଏପରି ପ୍ରତିତ ହେଉଛି ଯେ, ଯେପରି ତୁ ଗୋଟିଏ ବଡ଼ ସୈନ୍ୟଦଳ ଦେଖି ନେଇଛୁ । ହଜ଼ରତ୍ ଅବୁ ହୁରୈରାହ୍ ର.ଅ ଉତ୍ତର ଦେଲେ ହଁ । ଏହାପରେ ହଜ଼ରତ୍ ସାବିତ୍ ବିନ୍ ଅକରମ୍ କହିଲେ ଯେ, କ'ଣ ତୁମେ ଆମମାନଙ୍କ ସହିତ ବଦର୍ ଯୁଦ୍ଧରେ ଶାମିଲ୍ ହୋଇନାହଁ ? ଆମମାନଙ୍କୁ ବଦର୍ ଯୁଦ୍ଧରେ ବିପୁଳ ସୈନ୍ୟଦଳ ଯୋଗୁଁ ବିଜୟ ପ୍ରାପ୍ତ ହୋଇ ନଥିଲା । ବରଂ ଅଲ୍ଲାଃତାଲାଙ୍କ କୃପା ଯୋଗୁଁ ହିଁ ବିଜୟ ପ୍ରାପ୍ତ ହୋଇଥିଲା । ସେହିପରି ଏଠାରେ ମଧ୍ୟ ତାହା ହିଁ ଘଟିବ ।

ହଜ଼ରତ୍ ଅବୁ ବକ୍କର୍ ର.ଅଙ୍କ ଖିଲାଫତ୍ ଶାସନକାଳରେ ହଜ଼ରତ୍ ଖାଲିଦ୍ ବିନ୍ ୱଲିଦ୍ ର.ଅଙ୍କ ସହିତ ହଜ଼ରତ୍ ସାବିତ ବିନ୍ ଅକରମ୍ ର.ଅ ମୁରତଦିନ୍ (ଧର୍ମରୁ ଓହୋରି ଯାଇଥିବା ମୁସଲମାନମାନଙ୍କ ବିରୁଦ୍ଧରେ) ଅଭିମୁଖେ ବାହାରିଥିଲେ । ଯେତେବେଳେ ସେ ସେହି ମରତଦିନ ଜାତି ନିକଟବର୍ତ୍ତୀ ହେଲେ ଯାହାକି **'ବଦାଖା'** ନାମକ ସ୍ଥାନରେ ଅବସ୍ଥିତ, ସେତେବେଳେ ହଜ଼ରତ୍ ଉକ୍କାଶା ବିନ୍ ମୁହସନ୍ ର.ଅ ଏବଂ ହଜ଼ରତ୍ ସାବିତ୍ ବିନ୍ ଅକରମ୍ ର.ଅଙ୍କୁ ସୂଚକ ବା ଗୁପ୍ତଚର ରୂପେ ଶତ୍ରୁମାନଙ୍କ ନିକଟକୁ ପ୍ରେରଣ କଲେ ଯେ, ସେ ଶତ୍ରୁ ସଂପର୍କିତ ତଥ୍ୟ ଆଣି ସୂଚିତ କରନ୍ତୁ । ଅତଃ ସେ ଉଭୟେ ଅଶ୍ୱ ଉପରେ ଆରୋହଣ ହୋଇଥିଲେ । ଉପରୋକ୍ତ ଏହି ଦୁଇ ଜଣ ସାହାବି ର.ଅ, ତଲିହା ଏବଂ ତା'ର ଭାଇ ସଲମା ସହ ସମ୍ମୁଖୀନ ହୋଇଥିଲେ । ହଜ଼ରତ୍ ଉକ୍କାଶା ଏବଂ ସାବିତ୍ ବିନ୍ ଅକରମ ର.ଅଙ୍କ ପରି ସେହି ମୁରତଦିନମାନେ ମଧ୍ୟ ନିଜର ସୈନ୍ୟଦଳ ନିକଟକୁ ଗୁପ୍ତ ସୂଚନା ପ୍ରେରଣ କରିବା ପାଇଁ ମୁସଲମାନ୍ ନିକଟକୁ ଆସିଥିଲେ । ତଲିହା ହଜ଼ରତ୍ ଉକ୍‌କାଶା ର.ଅଙ୍କ ସମ୍ମୁଖବର୍ତ୍ତୀ ହୋଇଥିଲା ଏବଂ ତା' ଭାଇ ସଲମା ହଜ଼ରତ୍ ସାବିତ୍ ବିନ୍ ଅକରମ୍ ର.ଅଙ୍କ ସମ୍ମୁଖବର୍ତ୍ତୀ ହୋଇଥିଲା। ସେହି ଦୁଇ ମୁରତଦିନମାନେ ଉଭୟ ସାହାବା ର.ଅଙ୍କୁ ଶହୀଦ କରିଦେଇଥିଲେ ।

ପୁନଶ୍ଚ ହଜ଼ରତ୍ ସଲମା ବିନ୍ ସଲ୍ଲାମା ବୋଲି ଜଣେ ବଦରି ସାହାବି ଥିଲେ । ସେ ସେହି ସର୍ବପ୍ରଥମ ବିଶ୍ୱାସକାରୀମାନଙ୍କ ମଧ୍ୟରେ ଅନ୍ତର୍ଭୁକ୍ତ ଥିଲେ ଯେଉଁମାନେକି ମଦିନାରେ ଆଁହଜ଼ରତ୍ ସ.ଅଙ୍କ ଉପରେ ସର୍ପ୍ରଥମେ ଇମାନ୍ ଆଣିଥିଲେ । ସେ ବୈଅତେ ଉକ୍‌ବା, ଉଲା ଏବଂ ସାନିୟାରେ ଶାମିଲ୍ ହୋଇଥିଲେ । ସେ ବଦର୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହିତ ମିଶି ଯୁଦ୍ଧ କରିବାର ସୌଭାଗ୍ୟ ପ୍ରାପ୍ତ ହୋଇଥିଲା । ହଜ଼ରତ୍ ଉମର୍ ର.ଅ ନିଜର ଖିଲାଫତ୍ ଶାସନକାଳେର ହଜ଼ରତ୍ ସଲମା ବିନ୍ ସଲ୍ଲାମା ର.ଅଙ୍କୁ ମଦିନାର ଶାସକ ରୂପେ ନିଯୁକ୍ତ କରିଥିଲେ । ରସୁଲୁଲ୍ଲାଃ ସ.ଅ ହଜ଼ରତ୍ ସଲମା ବିନ୍ ସଲ୍ଲାମା ଏବଂ ହଜ଼ରତ୍ ଅବୁ ସବରାହ୍ ବିନ୍ ଅବି ରେହେମ୍ ର.ଅଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ରକ୍ଷା କରିଥିଲେ । ପିଲାଦିନେ ସେ ଜଣେ ଇହୁଦି ବିଦ୍ୱାନଙ୍କ ଠାରୁ ଏକ ଭବିଷ୍ୟତବାଣୀ ସଂପର୍କରେ ଶୁଣିଥିଲେ ଯେ, ମକ୍କାରୁ ଜଣେ ନବିର ଆଗମନ ହେବ । ସୁତରାଂ ଯେତେବେଳେ ଆଁହଜ଼ରତ୍ ସ.ଙ୍କର ପ୍ରାଦୁର୍ଭାବ ହେଲା ଏବଂ ଯେତେବେଳେ ସେ ଆଁହଜ଼ରତ୍ ସ.ଅଙ୍କ ଅବତରଣ ସଂପର୍କରେ ସୂଚନା ପାଇଲେ ସେତେବେଳେ ସେ ନିର୍ଦ୍ୱନ୍ଦ୍ୱରେ ହୁଜୁର୍ ସ.ଅଙ୍କ ଉପରେ ଇମାନ୍ ଆଣିଲେ ।

ପୁନଶ୍ଚ ହଜ଼ରତ୍ ଜବର୍ ବିନ୍ ଅତିକ୍ ର.ଅ ବୋଲି ଜଣେ ସାହାବି ଥିଲେ । ସେ ବଦର୍ ଯଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ରସୁଲୁଲ୍ଲାଃ ସ.ଅଙ୍କ ସହିତ ଶାମିଲ୍ ଥିଲେ । ସେ ହୁଜୁର ସ.ଅଙ୍କର ମତ୍ୟୁ ପର୍ଯ୍ୟନ୍ତ ମଦିନାରେ ହିଁ ବାସ କରିଥିଲେ । ରସୁଲୁଲ୍ଲାଃ ସ.ଅ ହଜ଼ରତ୍ ଜବର୍ ବିନ୍ ଅତିକ୍ ଏବଂ ଖୁବାବ୍ ବିନ୍ ଅରତ୍ ର.ଅଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ରକ୍ଷା କରିଥିଲେ । ତାଙ୍କର ଦେହାନ୍ତ ୬୧ ହିଜରୀରେ ୟଜ଼ିଦ୍ ବିନ୍ ମୁଆୱିୟାଙ୍କ ଶାସନକାଳରେ ୭୧ ବୟସରେ ହୋଇଥିଲା । ପୁନଶ୍ଚ ଆଉ ଜଣେ ସାହାବି ହେଉଛନ୍ତି ସାବିତ୍ ବିନ୍ ସାଆଲବା। ସେ ବୈଅତେ ଉକ୍‌ବା ସନିୟାରେ ୭୦ ଜଣ ଅନସାରମାନଙ୍କ ମଧ୍ୟରେ ଉପସ୍ଥିତ ଥିଲେ । ସେ ବଦର୍, ଓହୋଦ୍, ଖନ୍ଦକ୍ ଏବଂ ହୁଦୈବିୟା ଏବଂ ଖୈବର୍ ଏବଂ ମକ୍କା ବିଜୟ ଏବଂ ତାଏଫ୍ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହିତ ଶାମିଲ୍ ହୋଇଥିଲେ । ସେ ତାଏଫ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିଲେ ।

ପୁନଶ୍ଚ ଆଉ ଜଣେ ସାହାବି ହେଉଛନ୍ତି ହଜ଼ରତ୍ ସୁହେଲ୍ ବିନ୍ ୱହବ୍ ର.ଅ । ପ୍ରାରମ୍ଭିକ କାଳରେ ହିଁ ସେ ଇସଲାମ୍ ଧର୍ମରେ ଦୀକ୍ଷିତ ହୋଇଥିଲେ । ଇସଲାମ୍ ଧର୍ମ ଗ୍ରହଣ କରିବା ପରେ ସେ ହବଶା ଆଡ଼କୁ ପ୍ରବାସ କରିଥିଲେ । ଯେତେବେଳେ ଇସଲାମର (ଏଲାନିୟା) ଖୋଲାଖୋଲି ରୂପେ ପ୍ରଚାର ହେବାକୁ ଲାଗିଲା ସେତେବେଳେ ସେ ମକ୍କାକୁ ଫେରିଆସିଲେ ଏବଂ ପୁନଶ୍ଚ ଆଁହଜ଼ରତ୍ ସ.ଅଙ୍କ ପରେ ସେ ମଦିନାକୁ ପ୍ରତ୍ୟାବର୍ତ୍ତନ ଗଲେ । ସେ ବଦର୍, ଓହୋଦ୍, ଏବଂ ଖନ୍ଦକ୍ ଏବଂ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହିତ ଶାମଲି ହୋଇଥିଲେ । ମଦିନାରେ ତାଙ୍କର ଦେହାନ୍ତ ହୋଇଥିଲା । ଆଁହଜ଼ରତ୍ ସ.ଅ ତାଙ୍କର ନମାଜ଼େ ଜନାୟା ପଢେଇଥିଲେ ।

ପୁନଶ୍ଚ ଆଉ ଜଣେ ସାହାବି ହେଉଛନ୍ତି ହଜ଼ରତ୍ ତୁଫୈଲ୍ ବିନ୍ ହାରିସ୍ ର.ଅ । ସେ ନିଜର ଭ୍ରାତା ହଜ଼ରତ୍ ଅବିଦାହ୍ ଏବଂ ହଜ଼ରତ୍ ହସିବ୍ ର.ଅଙ୍କ ସହିତ ବଦର୍, ଓହୋଦ୍, ଖନ୍ଦକ୍ ଏବଂ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହିତ ଶାମିଲ ହୋଇଥିଲେ । ହୁଜୁର୍ ସ.ଅ ତୁଫୈଲ୍ ବିନ ହାରିସ୍ ଏବଂ ମୁନଜ଼ର୍ ବିନ୍ ମହମ୍ମଦ୍ ର.ଅଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ରକ୍ଷା କରିଥିଲେ । ତାଙ୍କର ବିୟୋଗ ୭୦ ବର୍ଷ ବୟସରେ ୩୨ ହିଜରୀରେ ହୋଇଥିଲା । ସେହିପରି ଆଉ ଜଣେ ସାହାବି ହେଉଛନ୍ତି ହଜ଼ରତ୍ ଅବୁ ସୁଲୈଦ୍ ବିନ୍ ଉସୈରାହ୍ ବିନ୍ ଅମ୍ର । ସେ ବଦର୍ ଏବଂ ଅନ୍ୟ ସମସ୍ତଯୁଦ୍ଧରେ ହୁଜୁର୍ ସ.ଅଙ୍କ ସହିତ ଶାମିଲ୍ ହୋଇଥିଲେ । ତାଙ୍କର ପୁତ୍ର ଅବ୍ଦୁଲ୍ଲାଃ ତାଙ୍କ ସମ୍ବନ୍ଧରେ ବର୍ଣ୍ଣନା କରନ୍ତି ଯେ, ଆଁହଜ଼ରତ୍ ସ.ଅ ଗୁଧ୍ର ବା ଶାଗୁଣା ପରି ପକ୍ଷୀମାନଙ୍କର ମାଂସ ଭକ୍ଷଣ କରିବାକୁ ସ୍ପଷ୍ଟ ରୂପେ ବାରଣ କରିଥିଲେ । ଯେତେବେଳେ ଚୁଲି ଉପରେ ବହୁତ ହାଣ୍ଡିଗୁଡ଼ିକ ରନ୍ଧନ ଅବସ୍ଥାରେ ବସିଥିଲା ଯହିଁରେ ଖାଇବା ନିମନ୍ତେ ଶାଗୁଣାର ମାଂସ ପ୍ରସ୍ତୁତ ହେଉଥିଲା । ସେତେବେଳେ ଆମେମାନେ ସେହି ହାଣ୍ଡି ଗୁଡ଼ିକୁ ଓଲଟାଇ ଦେଲୁ ।

ପୁନଶ୍ଚ ଆଉ ଜଣେ ସାହାବି ହେଉଛନ୍ତି ହଜ଼ରତ୍ ସାଆଲବା ବିନ୍ ହାତିବ୍ ଅନସାରୀ ର.ଅ । ବଦର୍, ଓହୋଦ୍, ଏବଂ ଅନ୍ୟ କେତେକ ଯୁଦ୍ଧରେ ସେ ଶାମିଲ୍ ହୋଇଥିଲେ । ତାଙ୍କ ସମ୍ବନ୍ଧରେ ଏହା ଉଲ୍ଲେଖ କରାଯାଏ ଯେ, ସେ ଆଁହଜ଼ରତ୍ ସ.ଅଙ୍କୁ ପ୍ରଶ୍ନ କଲେ ଯେ,ହେ ରସୁଲୁଲ୍ଲାଃ ସ.ଅ ! ଆପଣ ମୋ ପାଇଁ ପ୍ରାର୍ଥନା କରନ୍ତୁ ଯେ, ଅଲ୍ଲାଃତାଲା ମୋତେ ଧନ ପ୍ରଦାନ କରନ୍ତୁ । ହୁଜୁର୍ ସ.ଅ ଟାଳଟୁଳ କଲେ । ଏପର୍ଯ୍ୟନ୍ତକି ସେ ତୃତୀୟ ଥର ପାଇଁ ମଧ୍ୟ ହୁଜୁର୍ ସ.ଅଙ୍କୁ  ସେହି ପ୍ରାର୍ଥନ ବା ଅନୁରୋଧ କଲେ । ତେବେ ହୁଜୁର୍ ସ.ଅ ତାଙ୍କ ପାଇଁ ପ୍ରାର୍ଥନା କଲେ । ଏହି ପ୍ରାର୍ଥନା ବଳରେ ହଜ଼ରତ୍ ସାଆଲବାଙ୍କୁ ଅଲ୍ଲାଃତାଲା ଏତେ ଧନରତ୍ନ ପ୍ରଦାନ କଲେ । ଯାହାଫଳରେକି ଉପତ୍ୟକାଟି ଛେଳିମାନଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇଗଲା। ଯଦ୍ୱାରାକି ତାଙ୍କର ନମାଜ଼େ ଜୋହୋର୍ ଏବଂ ଅସର୍ ଛାଡ଼ିବାକୁ ଲାଗିଲା । ସୁତରାଂ ଏକଦା ଆଁହଜ଼ରତ୍ ସ.ଅ ଜ଼କାତ୍ ଆଦାୟ କରିବା ପାଇଁ କେତେକ ବ୍ୟକ୍ତିଙ୍କୁ ତାଙ୍କ ନିକଟକୁ ପ୍ରେରଣ କଲେ । ଯେତେବେଳେ ସେହି ଆଦାୟକାରୀମେନା ଜ଼କାତ୍ ଦେବା ପାଇଁ ସାଆଲବାଙ୍କୁ କହିଲେ  ତେବେ ସେ ଟାଳଟୁଳ ନୀତି ଅବଲମ୍ବନ କରିବାକୁ ଲାଗିଲେ । ଏହି ଘଟଣାକୁ କେନ୍ଦ୍ର କରି ଅଲ୍ଲାଃତାଲା କୁରାନେ କରିମରେ ଜ଼କାତ୍ ଦେଉ ନଥିବା ବା ପୈଠ କରୁନଥିବା ବ୍ୟକ୍ତିମାନଙ୍କ  ନମିନ୍ତେ ଏକ ଆୟତ୍ ଅବତୀର୍ଣ୍ଣ କଲେ । ହୁଜୁରେ ଅନଓ୍ୱର୍ ଅ.ବ କହିଲେ ଯେ, ଏହି ଘଟଣା ସଂପର୍କରେ ମୋ ମନରେ ଏହି ପ୍ରଶ୍ନଟି ଉଙ୍କି ମାରିଲା ଯେ, ଏ ତ' ଜଣେ ବଦରି ସାହାବି ଅଟନ୍ତି । ଯାହାଙ୍କ ମୋକ୍ଷ ସମ୍ବନ୍ଧରେ ଅଲ୍ଲାଃତାଲା ସ୍ୱୟଂ ସୂଚନା ଦେଇଥିଲେ, ସେ କେମିତି ଏପରି କରିପାରିବେ ଏବଂ ଅଲ୍ଲାଃତାଲା ତାଙ୍କୁ ଏଭଳି ଶାସ୍ତି କିପରି ଦେଇପାରିବେ ? ଯାହାକି କଦାପି ସମ୍ଭବ ବୋଲି ମନେ ହେଉ ନାହିଁ । ସୁତରାଂ ଅଲ୍ଲାମା ଇବନେ ହଜର୍ ଅସକଲାନି ରେ.ଅ ଏ ସଂକ୍ରାନ୍ତରେ ଅନ୍ୱେଷଣ କରି ଏହା ପ୍ରମାଣିତ କରିଛନ୍ତି ଯେ, ଏହି ୨ ବ୍ୟକ୍ତିବିଶେଷଙ୍କ ନାମ ଏକାପରି ଥିଲା । ତେଣୁ ଏହି ଦୁହିଁଙ୍କ କ୍ଷେତ୍ରରେ ଏଭଳି ସାଦୃଶ୍ୟତା ପରପିଲକ୍ଷିତ ହୁଏ । ସୁତରାଂ ଏହି ଜ଼କାତର ଘଟଣାଟି ସାଆଲବା ବିନ୍ ହାତିବ୍ ଅନସାରୀ ର.ଅଙ୍କ ସଂପର୍କିତ ନୁହେଁ । ବରଂ ସାଆଲବା ବିନ୍ ଅବି ହାତିବଙ୍କ ସଂପର୍କିତ ଥିଲା । ହୁଜୁର ଅନଓ୍ୱର୍ କହିଲେ ଅଲ୍ଲାଃତାଲା ଅଲ୍ଲାମା ଇବନେ ହଜର୍ ଅସକ୍ଲାନି ରେ.ଅଙ୍କୁ ଏହାର ପ୍ରତ୍ୟୁପକାର ପ୍ରଦାନ କରନ୍ତୁ । ଆମିନ୍ । କାରଣ ସେ ଏହି ସମସ୍ୟାର ଅତ୍ୟନ୍ତ ବିସ୍ତୃତ ଭାବେ ଆଲୋଚନା କରିଦେଇଛନ୍ତି ଏବଂ ଏ ଯେଉଁ ବଦରି ସାହାବିଙ୍କ ଉପରେ ଦୋଷାରୋପ କରାଯାଉଥିଲା ଯେ, ସେ ଜ଼କାତ୍ ଦେଲେ ନାହିଁ । ଅସକ୍ଲାନିଙ୍କ ଏହି ଅନ୍ୱେଷଣରୁ ହିଁ ସେହି ବଦରି ସାହାବିଙ୍କ ନିର୍ଦ୍ଦୋଷତା ପ୍ରମାଣିତ ହୋଇଯାଏ ।

ପୁନଶ୍ଚ ଆଉ ଜଣେ ସାହାବି ହେଉଛନ୍ତି ହଜ଼ରତ୍ ସାଆଦ୍ ବିନ୍ ଉସମାନ୍ ବିନ୍ ଖାଲିଦ୍ ବିନ୍ ଖଲଦାହ୍ ଅନସାରୀ ର.ଅ । ସେ ବଦର୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ସେ ସେହି ଲୋକମାନଙ୍କ ମଧ୍ୟରୁ ଅନ୍ୟତମ ଅଟନ୍ତି । ଯେଉଁମାନଙ୍କର ଓହୋଦ୍ ଯୁଦ୍ଧରେ ପଦ ଉପୁଡ଼ି ଯାଇଥିଲା (ଅର୍ଥାତ୍ ଓହୋଦ୍ ସ୍ତୁପ ଛାଡ଼ି ମାଲେ ଗନିମତ୍ ପ୍ରାପ୍ତ କରିବାକୁ ଚାଲିଆସିଥିଲେ) ଏବଂ ଅଲ୍ଲାଃତାଲା ସେହି ସମସ୍ତ ସାହାବିମାନଙ୍କୁ କ୍ଷମା ପ୍ରଦାନ କରିଥିଲେ । ଯହାର ବର୍ଣ୍ଣନା ଅଲ୍ଲାଃତାଲା ସ୍ୱୟଂ କୁରାନେ କରିମରେ କରିଛନ୍ତି । ମୃତ୍ୟୁବେଳେ ହଜ଼ରତ୍

ସାଆଦ୍ ବିନ୍ ଉସମାନ୍ ର.ଅଙ୍କୁ ୮୦ ବର୍ଷ ହୋଇଥିଲା । ପୁନଶ୍ଚ ଆଉ ଜଣେ ସାହାବି ହଜ଼ରତ୍ ଆମିର୍ ବିନ୍ ଉମୈୟାହ୍ ଅଟନ୍ତି । ସେ ବଦର୍ ଏବଂ ଓହୋଦ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ପରିଶେଷରେ ସେ ଓହୋଦ୍ ଯୁଦ୍ଧରେ ଶହିଦ୍ ହୋଇଥିଲେ । ହଜ଼ରତ୍ ହଶଶାମ୍ ବିନ୍ ଆମିର୍ ର.ଅଙ୍କ ଠାରୁ ବର୍ଣ୍ଣନା କରଯାଏ ଯେ, ଯେତେବେଳେ ଆଁହଜ଼ରତ୍ ସ.ଅଙ୍କୁ ଓହୋଦ୍ ଯୁଦ୍ଧରେ ବୀରଗତି ପ୍ରାପ୍ତ କରିଥିବା ସାହାବମାନଙ୍କୁ କବର ଦେବା ଲାଗି ପ୍ରଶ୍ନ କରାଗଲା ସେତେବେଳେ ହୁଜ଼ୁର୍ ସ.ଅ ଉତ୍ତର ଦେଲେ ଯେ, କବର ଟିକେ ଚଉଡ଼ା କରି ଖୋଳ ଏବଂ ଦୁଇ ତିନି ଜଣ ଶହୀଦଙ୍କୁ ଗୋଟିଏ କବରରେ ଓହ୍ଲାଇ ଦିଅ (ଅର୍ଥାତ୍ କବର ଦିଅ) । ପୁନଶ୍ଚ ହୁଜ଼ୁର୍ ସ.ଅ କହିଲେ ଯେଉଁ ବ୍ୟକ୍ତି ସର୍ବାଧିକ କୁରାନର ଜ୍ଞାନ ଆହରଣକାରୀ ସେହି ବ୍ୟକ୍ତିକୁ ହିଁ ସର୍ବପ୍ରଥମେ କବରରେ ଓହ୍ଲାଇ ଦିଅ । ତେଣୁ ହଜରତ୍ ଆମିର୍ ବିନ୍ ଉମୈୟାହ୍ ର.ଅଙ୍କୁ ଦୁଇ ଜଣ ଲୋକମାନଙ୍କ ପୂର୍ବରୁ କବର ମଧ୍ୟରେ ଓହ୍ଲାଇ ଦିଆଯାଇଥିଲା ।

ହଜ଼ରତ୍ ଅମ୍ର ବିନ୍ ଅବି ସରହ୍ ବୋଲି ଜଣେ ସାହାବି ଥିଲେ । ସେ ୩୦ ହିଜରୀରେ ହଜ଼ରତ୍ ଉସମାନ୍ ର.ଅଙ୍କର ଖିଲାଫତ ଶାସନକାଳରେ ମଦିନା ମୁନୱ୍ୱରା ଠାରେ ମୃତ୍ୟୁବରଣ କରିଥିଲେ । ସେ ବଦର୍, ଓହୋଦ୍, ଏବଂ ଖନ୍ଦକ୍ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ଆଁହଜ଼ରତ୍ ସ.ଅଙ୍କ ସହିତ ଶାମିଲ୍ ହୋଇଥିଲେ । ସେହିପରି ଅସମାଅ ବିନ୍ ହୁସୈନ୍ ବୋଲି ଜଣେ ସାହାବି ଥିଲେ । ସେ ବଦର୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ପୁନଶ୍ଚ ହଜ଼ରତ୍ ଅମ୍ର ବିନ୍ ଅଦି ବୋଲି ଜଣେ ସାହାବି ଥିଲେ । ସେ ବଦର୍ ଏବଂ ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ସେ ବଦର୍ ଯୁଦ୍ଧରେ ସର୍ବପ୍ରଥମେ ଇସଲାମ୍ ଧର୍ମରେ ଦୀକ୍ଷିତ ହୋଇଥିଲେ । ଓହୋଦ୍ ଯୁଦ୍ଧ ପରେ ତାଙ୍କର ନାମ ହଠାତ୍ ରହସ୍ୟମୟ ଢଙ୍ଗରେ ଗୁପ୍ତ ହୋଇଯାଏ । ସେ ହଜ଼ରତ୍ ଅଲୀ ର.ଅଙ୍କ ଖିଲାଫତ୍ ଶାସନକାଳରେ ଘଟିଥିବା ସମସ୍ତ ଯୁଦ୍ଧରେ ଶାମିଲ୍ ଥିଲେ । ତାଙ୍କ ସହିତ ତାଙ୍କର ଭ୍ରାତା ଆଏଜ଼ା ବିନ୍ ମୁଇଜ୍ ମଧ୍ୟ ବଦର୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ ।

ପୁନଶ୍ଚ ହଜ଼ରତ୍ ସାଆଦ୍ ବିନ୍ ଜ଼ୈଦୁଲ୍ ଅଶଅରୀ ନାମକ ଜଣେ ସାହାବି ଥିଲେ । ସେ ବଦର୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । କେତେକଙ୍କ ମତରେ ସେ ବୈଅତେ ଉକ୍ବାରେ ଶାମିଲ୍ ଥିଲେ । ସେ ବଦର୍, ଓହୋଦ୍, ଖନ୍ଦକ୍ ଯୁଦ୍ଧ ସମେତ ଅନ୍ୟ ସମସ୍ତ ଯୁଦ୍ଧରେ ହୁଜ଼ୁର୍ ସ.ଅଙ୍କ ସହିତ ଶାମିଲ ଥିଲେ । ଏକ ବର୍ଣ୍ଣନା ଅନୁଯାୟୀ ହଜ଼ରତ୍ ସାଆଦ୍ ବିନ୍ ଜ଼ୈଦ୍ ଜଣେ ନଜରାନୀ ଖଡ଼ଗ ରସୁଲୁଲ୍ଲାଃ ସ.ଙ୍କ ଉପହାର ସ୍ୱରୂପ ଦେଇଥିଲେ । ଯାହାକୁକି ହୁଜ଼ୁର୍ ସ.ଅ ହଜ଼ରତ୍ ମହମ୍ମଦ୍ ବିନ୍ ମୁସଲ୍ଲମାଙ୍କୁ ପ୍ରଦାନ କରିଦେଇ ଥିଲେ ଏବଂ କହିଥିଲେ ଯେ, ଏହି ଖଡ଼ଗକୁ ତୁମ୍ଭେ କେବଳ ଅଲ୍ଲାଃଙ୍କ ଉଦ୍ଦେଶ୍ୟରେ ହିଁ ଜିହାଦ୍ କରିବା ପାଇଁ ବ୍ୟବହାର କରିବ । ଯେତେବେଳେ ଲୋକମାନେ ପରସ୍ପର ସହିତ ଶତ୍ରୁତା ବା ମତାନ୍ତର କରିବାକୁ ଲାଗିବେ ସେ ପରିପ୍ରେକ୍ଷୀରେ ତୁମ୍ଭେ ଏହି ଖଡ଼ଗକୁ ପଥର ଉପରେ ପ୍ରହାର କରି ଘର ଭିତରକୁ ପସିଯିବ । ଅର୍ଥାତ୍ କୌଣସି ପ୍ରକାରର ବିଦ୍ରୋହରେ ତୁମ୍ଭେ ଅଂଶଗ୍ରହଣ କରିବ ନାହିଁ ।

ଅଲ୍ଲାଃତାଲା କରନ୍ତୁକି ଉପରୋକ୍ତ କଥା ଉପରେ ସେହି ମୁସଲମାନମାନେ ମଧ୍ୟ ବ୍ୟବହାରିକ ରୂପେ ଅନୁସରଣ କରନ୍ତୁ ଯେଉଁମାନେକି ଆଜିକାଲି ପରସ୍ପରର ସ୍କନ୍ଧଚ୍ୟୁତ କରିବା ଆଗଭର ହୋଇଛନ୍ତି । ଅଲ୍ଲାଃତାଲା କରନ୍ତୁକି ପୃଥିବୀରେ ଶାନ୍ତି ସ୍ଥାପିତ ହେଉ । ଅଲ୍ଲାଃତାଲା ସେହି ସାହାବା ର.ଅ ମାନଙ୍କର ସ୍ୱର୍ଗରେ ପଦମର୍ଯ୍ୟାଦା ବୃଦ୍ଧି କରନ୍ତୁ ଏବଂ ଅଲ୍ଲାଃତାଲା ଆମମାନଙ୍କୁ ମଧ୍ୟ ଅତ୍ୟନ୍ତ ନିଷ୍ଠାପର ହୋଇ ପୁଣ୍ୟ କରିବାର ଓ ତ୍ୟାଗ ତଥା ବଳିଦାନ କରିବାର ସାମର୍ଥ୍ୟ ପ୍ରଦାନ କରି ତଦନୁଯାୟୀ ପୁଣ୍ୟ ତଥା ତ୍ୟାଗ କରିବାର ସାମର୍ଥ୍ୟ ପ୍ରଦାନ କରନ୍ତୁ । ଆମିନ୍

.......................................

**KHULASA KHUTBA JUMA HUZOOR ANWAR a.b.a**

**23rd NOV 2018**

...................